# ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ - ୨୦୧୨















# କ'ଣ କରିବେ ✓

# ଏବଂ

# କ'ଣ କରିବେ ନାହିଁ ✗

# ପୋଲିସ୍

| କ'ଣ କରିବେ | କ'ଣ କରିବେ ନାହିଁ |
|---|---|
| **ଅଭିଯୋଗର ପଞ୍ଜୀକରଣ** | |
| ଶିଶୁମାନଙ୍କ ଉପରେ ହେଉଥିବା ପ୍ରତ୍ୟେକଟି ଯୌନ ଅପରାଧ ସମ୍ବନ୍ଧୀୟ ଅଭିଯୋଗର ପଞ୍ଜୀକରଣ କରିବା | ଅଭିଯୋଗ ପଞ୍ଜୀକରଣ କରିବାକୁ କୌଣସି ବି କାରଣ ଦର୍ଶାଇ ପ୍ରତ୍ୟାଖ୍ୟାନ ବା ମନା କରିବା |
| ଶିଶୁ ଏବଂ ତା'ର ପରିବାରକୁ ବିଶ୍ୱାସ କରିବା; ଧର୍ମ, ଜାତି, ଲିଙ୍ଗ, ଜନ୍ମସ୍ଥାନ ବା ଅନ୍ୟ କୌଣସି ଆଧାର ନିର୍ବିଶେଷରେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା | ଶିଶୁ ବା ତା'ର ପରିବାର ସମ୍ବନ୍ଧରେ ନକାରାତ୍ମକ ମତାମତ ଦେବା ବା ରାୟରେ ଉପନୀତ ହେବା; ଘଟଣା ପାଇଁ ଶିଶୁ ବା ତା'ର ପରିବାରକୁ ଦୋଷ ଦେବା |
| ଅଭିଯୋଗକାରୀଙ୍କଠାରୁ ଅଭିଯୋଗକୁ ବିସ୍ତୃତଭାବେ ଗ୍ରହଣ କରିବା | ଅଭିଯୋଗ ପଞ୍ଜୀକରଣ ହେବା ପୂର୍ବରୁ ଶିଶୁଟି ସହ କଥାବାର୍ତ୍ତା କରିବା ବା ତା'କୁ ପଚରାଉଚରା କରିବା ଉପରେ ଜୋର ଦେବା |
| ସୂଚନା ପ୍ରଦାନକାରୀଙ୍କୁ ଅଭିଯୋଗର ବିଷୟବସ୍ତୁ ପଢ଼ି ଶୁଣାଇବା ସହ ପୋଲିସ ଦ୍ୱାରା ଅନୁରକ୍ଷଣ କରାଯାଉଥିବା ଏକ ରେଜିଷ୍ଟରରେ ସେହି ଅଭିଯୋଗକୁ ବିଧିବଦ୍ଧଭାବେ ଦର୍ଜ କରାଇବା ଓ ସେ ସମ୍ବନ୍ଧୀୟ ଏକ ନମ୍ବର ପ୍ରଦାନ କରିବା | ଅଭିଯୋଗକୁ ନିଜ ରେକର୍ଡ଼ରେ ମନଇଚ୍ଛା ଭାବେ ଏଣେତେଣେ ଲେଖିବା |
| ଅଭିଯୋଗକାରୀଜଣକ ଶିଶୁ ହୋଇଥିଲେ ସେହି ଅଭିଯୋଗକୁ ସରଳ ଭାଷାରେ ଲେଖାଯିବାକୁ ସୁନିଶ୍ଚିତ କରିବା | ଶିଶୁଟି ବୁଝି ନପାରିବା ଭଳି କାନୁନୀ ଭାଷା ବା ନିରର୍ଥକ ଶବ୍ଦାବଳୀର ବ୍ୟବହାର କରିବା |
| ଶିଶୁଟି କହୁଥିବା ଭାଷା ବା ତା'ର ଭାବ ପରିପ୍ରକାଶ କରିବାର ଶୈଳୀ ଆପଣ ବୁଝି ପାରୁନଥିଲେ ସେହି ସ୍ଥଳେ ସ୍ଥାନୀୟ କୌଣସି ବେସରକାରୀ ସଂଗଠନ ବା ବିଶେଷଜ୍ଞମାନଙ୍କର ସହାୟତା ନେବା | ସ୍ୱତନ୍ତ୍ର ସହାୟତା ଲୋଡୁଥିବା କୌଣସି ଶିଶୁ ଅଥବା ଆପଣଙ୍କର ଭାଷା ବୁଝିପାରୁନଥିବା ଶିଶୁ କ୍ଷେତ୍ରରେ ଏହି କାର୍ଯ୍ୟକୁ ସ୍ୱୟଂ କରିବା ପାଇଁ ଉଦ୍ୟମ କରିବା |
| **ଶିଶୁର ସୁରକ୍ଷା** | |
| ଶିଶୁର ସ୍ୱାସ୍ଥ୍ୟ ଓ ଆବଶ୍ୟକ ହେଉଥିଲେ କୌଣସି ଆଶ୍ରୟ ଗୃହ ନିମିତ୍ତ ବ୍ୟବସ୍ଥା ସମେତ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ତୁରନ୍ତ ବ୍ୟବସ୍ଥା କରିବା | ଶିଶୁର ଯତ୍ନ ଓ ସୁରକ୍ଷା ସଂପର୍କିତ ଆବଶ୍ୟକତାଗୁଡ଼ିକୁ ଅଣଦେଖା କରିବା |
| ଅଭିଯୋଗ ପଞ୍ଜୀକରଣ ହେବାର ୨୪ ଘଣ୍ଟା ମଧ୍ୟରେ ସ୍ଥାନୀୟ ଶିଶୁ କଲ୍ୟାଣ କମିଟି ତଥା ସ୍ୱତନ୍ତ୍ର ଅଦାଲତକୁ ଘଟଣା ସଂପର୍କରେ ରିପୋର୍ଟ କରିବା | ଶିଶୁ କଲ୍ୟାଣ କମିଟିକୁ ଘଟଣା ସଂପର୍କରେ ରିପୋର୍ଟିଂ କରିବା ଉପରେ ଧ୍ୟାନ ନ ଦେବା ବା ଉପେକ୍ଷା କରିବା; (ଯେହେତୁ ଶିଶୁ କଲ୍ୟାଣ କମିଟି ଏପରି ମାମଲାରେ ସହାୟକ ବ୍ୟକ୍ତି/ସଂସ୍ଥାକୁ ନିଯୁକ୍ତ କରିବା ତଥା ଶିଶୁର ଯତ୍ନ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ) |
| ପୀଡ଼ିତା ଶିଶୁ/ଶିଶୁର ପରିବାରକୁ ଜିଲ୍ଲା ସ୍ତରରେ ଉପଲବ୍ଧ ହେଉଥିବା ମାଗଣା ଆଇନଗତ ସହାୟତା ତଥା ଅନ୍ୟାନ୍ୟ ସହାୟକ ସେବାଗୁଡ଼ିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା | ଶିଶୁକୁ ସାହାଯ୍ୟ କରାଯିବାର ପଦ୍ଧତି ଏବଂ ସେବାଗୁଡ଼ିକ ସମ୍ବନ୍ଧରେ ସେମାନେ ଅବଗତ ଥିବେ ବୋଲି ଧରିନେବା |
| **ଶିଶୁର ବୟାନକୁ ରେକର୍ଡ଼ କରିବା** | |
| ଶିଶୁଟି ନିଜକୁ ସହଜ ମଣୁଥିବା କୌଣସି ସ୍ଥାନ ବା ସେ ଚାହୁଁଥିବା ସ୍ଥାନରେ ବୟାନ ରେକର୍ଡ଼ କରିବା | ଥାନା ପରିସର ମଧ୍ୟରେ ଶିଶୁର ବୟାନ ରେକର୍ଡ଼ କରିବା ଉପରେ ଜୋର ଦେବା |
| ଏହି ପ୍ରକ୍ରିୟା ମଧ୍ୟରେ ଶିଶୁଟି ପ୍ରତି ସହାନୁଭୂତିଶୀଳ ଏବଂ ଧୈର୍ଯ୍ୟଶୀଳ ହେବା | ଶିଶୁଟି ସହ କଥାବାର୍ତ୍ତା କରିବା ମଧ୍ୟରେ ସୂଚକ ପ୍ରଶ୍ନ (ଯାହାର ଉତ୍ତର ସାଧାରଣତଃ କେବଳ ହଁ ଅଥବା ନା ରେ ସୀମିତ) ପଚାରିବା ଅଥବା ଶିଶୁ ବା ଘଟଣା ସଂପର୍କରେ ଅପମାନଜନକ ମନ୍ତବ୍ୟ ଦେବା |

| ଡ଼ାକ୍ତରୀ ପରୀକ୍ଷା | |
|---|---|
| ଶିଶୁର ଡ଼ାକ୍ତରୀ ପରୀକ୍ଷା କରାଇବା ନିମନ୍ତେ ଡ଼ାକ୍ତରଖାନା ସହିତ ପୂର୍ବରୁ ବ୍ୟବସ୍ଥା କରିବା ଏବଂ ସେ ସମ୍ବନ୍ଧରେ ଶିଶୁର ପିତାମାତା ବା ଅଭିଭାବକଙ୍କୁ ଜଣାଇ ଦେବା | ପୂର୍ବରୁ କୌଣସି ବ୍ୟବସ୍ଥା ନକରି ଶିଶୁ ଏବଂ ତା'ର ମାତାପିତା/ଅଭିଭାବକଙ୍କୁ ଡ଼ାକ୍ତରଖାନା ନେବା |
| ଶିଶୁ ଏବଂ ତାର ପରିବାର/ଅଭିଭାବକଙ୍କ ପାଇଁ ପର୍ଯ୍ୟାପ୍ତ ଭାବେ ଯାତାୟତର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା | ପୋଲିସ୍ ଗାଡ଼ିରେ ଅଭିଯୁକ୍ତ ସହ ସେମାନଙ୍କୁ ଏକାଠି ଡ଼ାକ୍ତରୀ ପରୀକ୍ଷା ପାଇଁ ନେବା |
| ଡ଼ାକ୍ତରୀ ଚିକିତ୍ସା ମଧ୍ୟରେ କୌଣସି ସମୟରେ ବି ପୀଡ଼ିତା ଶିଶୁ ଏବଂ ଅଭିଯୁକ୍ତ ଯେପରି ପରସ୍ପର ସଂସ୍ପର୍ଶରେ ନ ଆସନ୍ତି, ତାହାକୁ ସୁନିଶ୍ଚିତ କରିବା | ଡ଼ାକ୍ତରୀ ଚିକିତ୍ସା ସମୟରେ ଅଭିଯୁକ୍ତକୁ ପୀଡ଼ିତ ଶିଶୁ ସଂସ୍ପର୍ଶରେ ଆସିବାକୁ ଦେବା |
| ସଂପୂର୍ଣ୍ଣ ଡ଼ାକ୍ତରୀ ପରୀକ୍ଷା ପାଇଁ ଜୋର ଦେବା ପୂର୍ବରୁ କେଉଁ ପ୍ରକାର ଆକ୍ରମଣ ହୋଇଛି, ତାହାକୁ ଯାଞ୍ଚ କରିବା | ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ଜନନାଙ୍ଗ ପରୀକ୍ଷା ଉପରେ ଜୋର ଦେବା |
| ଡ଼ାକ୍ତରୀ ପରୀକ୍ଷା ପାଇଁ ଶିଶୁ ଏବଂ ତା'ର ମାତାପିତା/ଅଭିଭାବକଙ୍କ ସହିତ ଆପଣ ଯିବା ସମୟରେ ସେମାନଙ୍କୁ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ଏବଂ ଗୋପନୀୟତା ରକ୍ଷା କରିବା | ଡ଼ାକ୍ତରୀ ପରୀକ୍ଷା ପ୍ରକ୍ରିୟାରେ ଯେଉଁମାନଙ୍କର କୌଣସି ଭୂମିକା ହିଁ ନାହିଁ, ସେମାନଙ୍କୁ ମାମଲା ସମ୍ପର୍କିତ ତଥ୍ୟାବଳୀ ପ୍ରକଟ କରିବା |
| ଡ଼ାକ୍ତରଖାନାରୁ ସମସ୍ତ ପ୍ରମାଣ ଏବଂ କାଗଜପତ୍ର ସଠିକ୍ ସମୟରେ ସଂଗ୍ରହ କରିବା ପାଇଁ ସକ୍ରିୟ ଏବଂ ତତ୍ପର ହେବା | ଡ଼ାକ୍ତରୀ ପ୍ରମାଣ ପଠାଇବା ଦାୟିତ୍ୱକୁ ଡ଼ାକ୍ତରଖାନା ଉପରେ ଛାଡ଼ିଦେବା |
| **ଘଟଣାସ୍ଥଳ ଏବଂ ଅଭିଯୁକ୍ତର ଚିହ୍ନଟ** | |
| ଶିଶୁ ଏବଂ ତା'ର ମାତାପିତା ବା ଅଭିଭାବକଙ୍କୁ ଏହିସବୁ କାର୍ଯ୍ୟବିଧି ସଂପର୍କରେ ପୂର୍ବରୁ ଜଣାଇଦେବା ଏବଂ ସେ ସମ୍ବନ୍ଧରେ ସେମାନଙ୍କୁ ବୁଝାଇଦେବା | ଘଟଣାସ୍ଥଳ ବା ଅଭିଯୁକ୍ତର ଚିହ୍ନଟ ପାଇଁ ଶିଶୁକୁ ହଠାତ୍ ଡ଼କାଇବା । ଶିଶୁଟି ହୁଏତ ମାନସିକ ଆଘାତ ପାଇଥାଇପାରେ ଯାହାକି ତଦନ୍ତକୁ ପ୍ରଭାବିତ କରିପାରେ |
| ଏହି ପ୍ରକ୍ରିୟା ମଧ୍ୟରେ ଶିଶୁଟି ସହ ତା'ର ମାତାପିତା/ଅଭିଭାବକ ବା କୌଣସି ବିଶ୍ୱାସଯୋଗ୍ୟ ବୟସ୍କ ବ୍ୟକ୍ତି ଉପସ୍ଥିତ ରହିବାକୁ ସୁନିଶ୍ଚିତ କରିବା | କାର୍ଯ୍ୟ ପ୍ରକ୍ରିୟାରେ ଯେକୌଣସି ବ୍ୟକ୍ତିଙ୍କୁ ହସ୍ତକ୍ଷେପ କରିବାକୁ ଦେବା । ଯଦି ଘଟଣାସ୍ଥଳର ଚିହ୍ନଟ ଗୋଷ୍ଠୀ ବା ସଂପ୍ରଦାୟ ସ୍ତରରେ ହେଉଥାଏ, ତେବେ ସେହି ଲୋକମାନଙ୍କ ପାଖରୁ ଶିଶୁଟିକୁ ସୁରକ୍ଷିତ ରଖିବାକୁ ସୁନିଶ୍ଚିତ କରିବା |
| **ଶିଶୁ କଲ୍ୟାଣ କମିଟି ଏବଂ ଅଦାଲତରେ କାର୍ଯ୍ୟବିଧି** | |
| ଯେଉଁ ସ୍ଥଳ ବିଶେଷରେ ଶିଶୁର ପର୍ଯ୍ୟାପ୍ତ ଯତ୍ନ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଶିଶୁ କଲ୍ୟାଣ କମିଟି ଠାରୁ ସୂଚନା ଓ ସେମାନଙ୍କର ମତାମତ ଆବଶ୍ୟକ ହୋଇଥାଏ, ସେପରି ସ୍ଥଳେ ଶିଶୁଟିକୁ ଶିଶୁ କଲ୍ୟାଣ କମିଟି ଆଗରେ ହାଜର କରାଇବା | ପୋକ୍‌ସୋ ଅଧିନିୟମ ଅଧୀନରେ ଥିବା ପ୍ରତ୍ୟେକ ପୀଡ଼ିତା ଶିଶୁକୁ ଶିଶୁ କଲ୍ୟାଣ କମିଟି ଆଗରେ ହାଜର କରାଇବା |
| ଶିଶୁ ନିକଟରୁ ସବିସ୍ତୃତ ବୟାନ ନିଆଯାଇଥିବା ସମ୍ବନ୍ଧରେ ଶିଶୁ କଲ୍ୟାଣ କମିଟିକୁ ଜଣାଇବା; ସେମାନଙ୍କୁ ବୟାନର ନକଲ ପ୍ରଦାନ କରିବା | ଏକାଧିକ ଦାୟବାହକଙ୍କ ଦ୍ୱାରା ପୀଡ଼ିତା ଶିଶୁର ବାରମ୍ବାର ବୟାନ ଗ୍ରହଣ କରାଯିବାକୁ ଦେବା |
| ଆବଶ୍ୟକ ମନେ ହେଉଥିବା ସ୍ଥଳେ ହିଁ ଶିଶୁକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୬୪ ଅନୁଯାୟୀ ବୟାନ ଦେବା ପାଇଁ ନେବା | ପୋକ୍‌ସୋ ଅଧିନିୟମ ଅଧୀନରେ ପ୍ରତିଟି ପୀଡ଼ିତା ଶିଶୁର ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୬୪ ଅନୁଯାୟୀ ବୟାନ ଗ୍ରହଣ କରାଯିବା ଉପରେ ଜୋର ଦେବା |
| ମାମଲାର ଏକାନ୍ତତା ଏବଂ ଗୋପନୀୟତାକୁ ସୁନିଶ୍ଚିତ କରିବା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ସୁନିଶ୍ଚିତ କରିବା | ଶିଶୁକୁ ଅଭିଯୁକ୍ତର ସାମନାକୁ ଆଣିବା କିମ୍ବା ଏକ ଭରପୁର ଅଦାଲତ ଆଗରେ ମାମଲାର ପୁଙ୍ଖାନୁପୁଙ୍ଖ ବିବରଣୀ ଉତ୍ଥାପନ କରିବା |

# ଶିଶୁ କଲ୍ୟାଣ କମିଟି

| କ'ଣ କରିବେ | କ'ଣ କରିବେ ନାହିଁ |
| --- | --- |
| ପୋକ୍‌ସୋ ଅଧିନିୟମ ଅଧୀନରେ ପୋଲିସ ଦ୍ୱାରା ଶିଶୁ କଲ୍ୟାଣ କମିଟିକୁ କରାଯାଉଥିବା ପ୍ରତ୍ୟେକଟି ରିପୋର୍ଟ ଉପରେ ଧ୍ୟାନ ଦେବା | ପୋକ୍‌ସୋ ଅଧିନିୟମ ଅଧୀନରେ ମାମଲା ରୁଜୁ ହେଲା ପରେ ଶିଶୁକୁ ଦେଖା କରିବା ବା ପ୍ରତ୍ୟେକ ଶିଶୁକୁ ଶିଶୁ କଲ୍ୟାଣ କମିଟି ଆଗରେ ହାଜିର କରାଯିବା ପାଇଁ ଜୋର ଦେବା |
| ଶିଶୁର ବୟାନ ରେକର୍ଡ଼ କରିବା ପାଇଁ ଜୋର ଦେବା ପୂର୍ବରୁ ଲେଖା ଯାଇଥିବା ଦସ୍ତାବିଜ ଏବଂ ଶିଶୁର ବୟାନକୁ ସାବଧାନତାର ସହ ପଢ଼ିବା | ଶିଶୁ କଲ୍ୟାଣ କମିଟି ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ପୀଡ଼ିତା ଶିଶୁର ବୟାନ ରେକର୍ଡ଼ କରିବା |
| ଶିଶୁକୁ ତା'ର ପରିବାର ବା ଭାଗୀଦାର ଗୃହର ହେପାଜତରୁ ବାହାର କରି କୌଣସି ଏକ ଶିଶୁ ଗୃହ ବା ଆଶ୍ରୟ ଗୃହରେ ରଖାଯିବାର ଆବଶ୍ୟକତା ଅଛି କି ନାହିଁ, ତାହା ନିଜେ ବା କୌଣସି ସାମାଜିକ କର୍ମୀଙ୍କ ସହାୟତାରେ ତିନି ଦିନ ମଧ୍ୟରେ ନିର୍ଦ୍ଧାରଣ କରିବା | ଏହି ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅନାବଶ୍ୟକ ଭାବେ ବିଳମ୍ବିତ କରିବା |
| ଆବଶ୍ୟକ ମନେ ହେଉଥିଲେ କିଛି ମାମଲାରେ ଶିଶୁ ଏବଂ ତା'ର ପରିବାରର ଏକ ସବିସ୍ତୃତ ସାମାଜିକ ଅନୁସନ୍ଧାନ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ବାହ୍ୟ ସଂସ୍ଥାକୁ ନିର୍ଦ୍ଦେଶ ଦେବା | ଗୃହ ଅନୁସନ୍ଧାନର ଉଦ୍ଦେଶ୍ୟକୁ ପ୍ରତିପାଦିତ କରୁଥିବା ଭଳି ବିଧିବଦ୍ଧ ଆଦେଶାବଳୀ କୌଣସି ବାହ୍ୟ ସଂସ୍ଥାକୁ ଜାରୀ ନକରି ସେମାନଙ୍କୁ ଗୃହ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେବା |
| ନିଜ ପରିବାର ବା ସଂପ୍ରଦାୟ ଭିତରେ ଶିଶୁର ଦୀର୍ଘ-ମିଆଦୀ ଥଇଥାନ ନିମନ୍ତେ ବିକଳ୍ପଗୁଡ଼ିକର ନିର୍ଦ୍ଧାରଣ କରିବା | ଶିଶୁମାନଙ୍କୁ ସଂସ୍ଥାରେ ରଖାଇବା ଯେପର୍ଯ୍ୟନ୍ତ ପରିବାର ବା ସଂପ୍ରଦାୟ ଭିତରେ ଶିଶୁଟି ପ୍ରତି ସେପରି କୌଣସି ବଡ଼ ଧରଣର ବିପଦ ବା ଅନିଷ୍ଟର ଆଶଙ୍କା ନାହିଁ |
| **ସହାୟକ ବ୍ୟକ୍ତିମାନଙ୍କର ନିଯୁକ୍ତି ଏବଂ ମୂଲ୍ୟାଙ୍କନ** | |
| ତଦନ୍ତ ଏବଂ ବିଚାରଣର ସମସ୍ତ ପ୍ରକ୍ରିୟା ମଧ୍ୟରେ ଶିଶୁକୁ ସହୟତା ଯୋଗାଇ ଦେବା ପାଇଁ ବେସରକାରୀ ସଂଗଠନଗୁଡ଼ିକୁ ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥାଭାବେ ନିଯୁକ୍ତି ଦେବାପାଇଁ ଏକ ବିଧିବଦ୍ଧ ଆଦେଶାବଳୀ ଜାରି କରିବା | ସେଥି ନିମନ୍ତେ ଏକ ବିଧିବଦ୍ଧ ଆଦେଶାବଳୀ ଜାରି ନକରି କୌଣସି ବେସରକାରୀ ସଂଗଠନକୁ ସାମିଲ କରାଇବା |
| ଶିଶୁଟିର ମାମଲା ସ୍ଥିତି ଏବଂ ମୋକଦ୍ଦମାରେ ହେଉଥିବା ଅଗ୍ରଗତି ବିଷୟରେ ନିୟମିତଭାବେ ଏବଂ ଲିଖିତ ଆକାରରେ ଦେବାକୁ ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥାକୁ ନିର୍ଦ୍ଦେଶ ଦେବା | ମାମଲାର ସ୍ଥିତି ଏବଂ ଥଇଥାନ ସମ୍ପର୍କିତ ହେଉଥିବା ନିୟମିତ ଅଗ୍ରଗତିଗୁଡ଼ିକୁ ଜାଣି ନପାରିବା |
| ଯଦି ଆପଣ ଏହା ଅନୁଭବ କରନ୍ତି ଯେ ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥା ଶିଶୁର ସର୍ବୋତ୍ତମ ହିତରେ କାର୍ଯ୍ୟ କରୁନାହାନ୍ତି ଅଥବା ଯଦି ଶିଶୁ ନିଜେ ବା ତା'ର ମାତାପିତା/ଅଭିଭାବକ ସେମାନଙ୍କର ସେହିପ୍ରକାର କାର୍ଯ୍ୟର ସମାପ୍ତି ପାଇଁ ଅନୁରୋଧ କରନ୍ତି, ସେହି ସ୍ଥଳେ ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥାଙ୍କର କାର୍ଯ୍ୟର ଅବସାନ ଘଟାଇବା | ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥାଙ୍କର କାର୍ଯ୍ୟାବଳୀର ଏକ ଯଥାର୍ଥ ସମୀକ୍ଷା ନ କରି ତଥା ପୀଡ଼ିତା ଓ ତା'ର ପରିବାରର ମତାମତ ହାସଲ ନ କରି ସେହି ସହାୟକ ବ୍ୟକ୍ତି ବା ସହାୟକ ସଂସ୍ଥାଙ୍କର ଉପଯୋଗ କରିବା ଜାରୀ ରଖିବା |
| ବେସରକାରୀ ସଂଗଠନ, ସ୍ୱତନ୍ତ୍ର ଶିକ୍ଷକ, ଅନୁବାଦକ, ବିଶେଷଜ୍ଞମାନଙ୍କ ଭଳି ପୋକ୍‌ସୋ ମାମଲାଗୁଡ଼ିକରେ ଯେଉଁମାନେ ଶିଶୁମାନଙ୍କୁ ସହାୟତା କରିପାରିବେ, ସେହି ସଂସାଧନଗୁଡ଼ିକର ଏକ ତାଲିକା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ଠାରୁ ହାସଲ କରିବା | ଜିଲ୍ଲାସ୍ତରରେ ବିଶେଷଜ୍ଞମାନଙ୍କର ଏକ ତାଲିକା ପୂର୍ବରୁ ଉପଲବ୍ଧ ଥିଲେ ମଧ୍ୟ ସେମାନଙ୍କର ଆଉ ଏକ ଦୋହରା ବା ନୂଆ ତାଲିକା ପୁଣି ଥରେ ପ୍ରସ୍ତୁତ କରିବା |
| ନିୟମିତ ମାନକଗୁଡ଼ିକ ଅନୁଯାୟୀ ତଦନ୍ତ ଅଗ୍ରସର ହେଉ ନଥିବାର ଜଣା ପଡ଼ିଲେ ତଦନ୍ତକାରୀ ଅଧିକାରୀଙ୍କୁ ସମନ କରିବା | ପ୍ରାରମ୍ଭିକ ସାମାଜିକ ଅନୁସନ୍ଧାନ ତଥା ସହାୟତା ବ୍ୟକ୍ତିଙ୍କର ନିଯୁକ୍ତି ସରିଯିବା ପରେ ମାମଲା ବିଷୟରେ ଭୁଲି ଯିବା |

# ମାତାପିତା

| କ'ଣ କରିବେ | କ'ଣ କରିବେ ନାହିଁ |
|---|---|
| **ଶିଶୁଟି ଘଟଣା ସମ୍ବନ୍ଧରେ ଜଣାଇବା ପରେ ତା' ସହ ପ୍ରାରମ୍ଭିକ କଥାବାର୍ତ୍ତା** | |
| ଶିଶୁଟି ଉପରେ ପୂରା ଧ୍ୟାନ ଦେବା ଏବଂ ସେ କ'ଣ କହୁଛି, ତାହା ପ୍ରତି ମଧ୍ୟ । ନିଜ ପିଲା ଉପରେ ଭରସା ରଖିବା ଏବଂ ସେମାନଙ୍କୁ ବିଶ୍ୱାସ କରିବା | ପିଲାଟି ଯେତେବେଳେ କୌଣସି ଯୌନ ନିର୍ଯ୍ୟାତନା ବିଷୟରେ ଆପଣଙ୍କୁ ଜଣାଉଛି, ସେତେବେଳେ କ୍ଷୁବ୍ଧ ହୋଇପଡ଼ିବା ଏବଂ ସେହି ଘଟଣା ପ୍ରକାଶ କରିଥିବା କାରଣରୁ ପିଲାକୁ ହିଁ ଦୋଷ ଦେବା |
| ଏହା ତା'ର ଦୋଷ ନୁହେଁ ବୋଲି ନିଜ ପିଲାକୁ ବୁଝାଇବା ତଥା ତା'କୁ ଭଲ ପାଆନ୍ତି ଓ ସୁରକ୍ଷା ଦେବେ ବୋଲି ଆଶ୍ୱାସନା ଓ ଭରସା ଦେବା | ଏପରି ଘଟଣା ଯେ କେବେ ଘଟିଥିଲା, ତାହା ଭୁଲି ଯିବା ପାଇଁ ଶିଶୁକୁ ବୁଝାଇବା; ଶିଶୁକୁ ଦୋଷ ଦେବା ବା ଘଟିଥିବା ଯୌନ ନିର୍ଯ୍ୟାତନା ବିଷୟରେ ଚୁପ୍ ରହିବା ପାଇଁ ତାକୁ ପ୍ରବର୍ତ୍ତାଇବା |
| ଯୌନ ନିର୍ଯ୍ୟାତନା ଯଦି ଅଳ୍ପ କିଛି କ୍ଷଣ ପୂର୍ବରୁ ଘଟିଛି, ତେବେ ତା'ର ପ୍ରମାଣ ନଷ୍ଟ ନହେବାକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ଡ଼ାକ୍ତରୀ ପରୀକ୍ଷା କରାଇବା ନିମନ୍ତେ ତା'କୁ ତୁରନ୍ତ ଡ଼ାକ୍ତରଖାନାକୁ ନେବା | ଯୌନ ନିର୍ଯ୍ୟାତନା ଅଳ୍ପ କିଛି କ୍ଷଣ ପୂର୍ବରୁ ଘଟିଥିଲେ, ଶିଶୁକୁ ଧୋଇଧାଇ ଦେବା ବା ତା'କୁ ଗାଧୋଇଦେବା; ପୋଷାକପତ୍ର ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣଗୁଡ଼ିକୁ ଫୋପାଡ଼ି ଦେବା |
| ଶିଶୁର ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତାଗୁଡ଼ିକ ପାଇଁ ତାକୁ କୌଣସି ପରାମର୍ଶଦାତା ବା ପାରଦର୍ଶୀ ବେସରକାରୀ ସଂଗଠନଙ୍କ ନିକଟକୁ ପଠାଇବା | ନିଜ ପିଲାର ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତାଗୁଡ଼ିକ ସମେତ ପିଲାଟି ପାଇଥିବା ପ୍ରଗାଢ଼ ମାନସିକ ଧକ୍କାକୁ ଅଣଦେଖା କରିବା |
| ଏହି ଘଟଣାରେ ନିଜେ ଗଭୀର ମାନସିକ ଆଘାତ ପାଇଥିଲେ ନିଜ ପାଇଁ ମଧ୍ୟ ସହାୟତା ଲୋଡ଼ିବା | ଯେତେବେଳେ ନିଜ ପିଲାର ଯତ୍ନ ନେବା କଥା ଉଠିବ, ସେତେବେଳେ ନିଜର ସମସ୍ତ ଆବଶ୍ୟକତା ଏବଂ ଆଶଙ୍କାକୁ ଅଣଦେଖା କରିବା |
| **ଏତଲାର ପଞ୍ଜୀକରଣ** | |
| ଘଟଣା ସମ୍ବନ୍ଧରେ ଅଭିଯୋଗ କରିବା ପାଇଁ ନିକଟସ୍ଥ ଥାନାକୁ ଯିବା | ଶିଶୁଟିକୁ ଥାନାକୁ ନେବା |
| ପୋଲିସକୁ ବିସ୍ତୃତଭାବେ ତଥ୍ୟ ନେବା ତଥା ଏତଲାର ନକଲ ପ୍ରଦାନ କରିବା ପାଇଁ କହିବା | ପୋଲିସ ସହିତ କେବଳ ମୌଖିକ କଥାବାର୍ତ୍ତା ଉପରେ ଭରସା କରିବା |
| ଯଦି ଡ଼ାକ୍ତରୀ ପରୀକ୍ଷା ଏତଲା ପଞ୍ଜୀକରଣ ହେବା ପରେ ହେଉଥାଏ, ତେବେ ନିଜ ପିଲା ସାଙ୍ଗରେ ଯିବା | ପୋଲିସ ଶିଶୁକୁ ଏକୁଟିଆ ବା ଅନ୍ୟ କୌଣସି ବ୍ୟକ୍ତି ସହିତ ନେଇଯିବାକୁ ଦେବା |
| **ଶିଶୁର ବୟାନ ରେକର୍ଡ଼ କରିବା** | |
| ନିଜ ପିଲାକୁ ତା'ର ବୟାନ ରେକର୍ଡ଼ କରିବା ନିମନ୍ତେ ପ୍ରସ୍ତୁତ କରିବା ଏବଂ ତା'କୁ ଯଦି ଠିକ୍ ଲାଗେ, ତେବେ ତା'ର ବୟାନ ରେକର୍ଡ଼ ହେଉଥିବା ସମୟରେ ନିଜେ ଉପସ୍ଥିତ ରହିବା | ଶିଶୁର ବୟାନ ରେକର୍ଡ଼ ହେବା ସମୟରେ ତା'କୁ ପୋଲିସ ସହିତ ଏକୁଟିଆ ରହିବାକୁ ଛାଡ଼ିଦେବା, ଯେପର୍ଯ୍ୟନ୍ତ ଶିଶୁଟି ସେହିଭାବେ ନ ଚାହିଁଛି |
| **ଡ଼ାକ୍ତରୀ ପରୀକ୍ଷା** | |
| ଡ଼ାକ୍ତରୀ ପରୀକ୍ଷା କରିବା ପୂର୍ବରୁ ଡ଼ାକ୍ତର ଜଣକ ଶିଶୁଟି ତରଫରୁ ସହମତି ପ୍ରଦାନ ନିମନ୍ତେ କ୍ଷମତାପନ୍ନ କୌଣସି ବ୍ୟକ୍ତିଙ୍କର ସହମତି ନେବାକୁ ସୁନିଶ୍ଚିତ କରିବା [ସି.ଆର.ପି.ସି. ଧାରା ୧୬୪ (କ)] | ନିଜର ସହମତି ବିନା ଡ଼ାକ୍ତରଙ୍କୁ ଶିଶୁର ଡ଼ାକ୍ତରୀ ପରୀକ୍ଷା ଆରମ୍ଭ କରିବା ପାଇଁ ଅନୁମତି ଦେବା |
| ଶିଶୁର ମାତାପିତା ବା ଅନ୍ୟ କୌଣସି ବ୍ୟକ୍ତି ଯାହାଙ୍କ ଉପରେ ଶିଶୁର ଭରସା ବା ବିଶ୍ୱାସ ରହିଛି, ତାଙ୍କ ଉପସ୍ଥିତିରେ ହିଁ ଡ଼ାକ୍ତର ଜଣକ ଶିଶୁର ଡ଼ାକ୍ତରୀ ପରୀକ୍ଷା କରିବାକୁ ସୁନିଶ୍ଚିତ କରିବା [ଧାରା ୨୭(୩)] | ନିଜ ପିଲାର ସହମତି ବିନା ଡ଼ାକ୍ତରଙ୍କୁ ତା'ର ଡ଼ାକ୍ତରୀ ପରୀକ୍ଷା ଆରମ୍ଭ କରିବା ପାଇଁ ଅନୁମତି ଦେବା; ଯେକୌଣସି ପରିସ୍ଥିତିରେ ବି ଡ଼ାକ୍ତରୀ ପରୀକ୍ଷା କରାଇବା ପାଇଁ ଶିଶୁକୁ ବାଧ୍ୟ କରିବା |
| ଜଣେ ମହିଳା ଡ଼ାକ୍ତରଙ୍କ ଦ୍ୱାରା ପୀଡ଼ିତା କନ୍ୟାଶିଶୁର ଡ଼ାକ୍ତରୀ ପରିକ୍ଷା କରାଯିବା [ଧାରା ୨୭ (୨)] | ଡ଼ାକ୍ତରଜଣକ ଯେଉଁ ପ୍ରକାରେ ଡାକ୍ତରୀ ପରୀକ୍ଷା କରୁଛନ୍ତି, ତାହା ନିଜକୁ କିମ୍ବା ନିଜର ପିଲାକୁ ଉଚିତ ଲାଗୁନଥିଲେ ମଧ୍ୟ ବାଧ୍ୟ ହୋଇ ରାଜି ହେବା |
| ଶିଶୁଟି ପାଖରେ ଆପଣ ରହିଲେ ଯଦି ଶିଶୁ ନିଜକୁ ସହଜବୋଧ ମଣୁଛି, ତେବେ ଘଟଣାବଳୀର ବର୍ଣ୍ଣନା ଏବଂ ଡ଼ାକ୍ତରୀ ପରୀକ୍ଷା ସମୟରେ ଶିଶୁ ପାଖରେ ନିଜେ ଉପସ୍ଥିତ ରହିବା | ଆପଣଙ୍କ ଉପସ୍ଥିତି ଯୋଗୁଁ ଶିଶୁଟି ଯଦି ନିଜକୁ ସହଜବୋଧ ମଣୁନାହିଁ, ତଥାପି ବି ନିଜେ ଉପସ୍ଥିତ ରହିବା ଉପରେ ଜୋର ଦେବା |
| ସମସ୍ତ ଡ଼ାକ୍ତରୀ ରିପୋର୍ଟ ଏବଂ ଡ଼ାକ୍ତରୀ ପ୍ରମାଣପତ୍ରର ନକଲ ସଂଗ୍ରହ କରିବା | ଡ଼ାକ୍ତରୀ ପ୍ରମାଣପତ୍ର ବା ସମସ୍ତ ଡ଼ାକ୍ତରୀ ରିପୋର୍ଟର ନକଲ ପାଇବା ନିମନ୍ତେ ଅର୍ଥ ପଇଠ କରିବା |

## ଘଟଣାସ୍ଥଳ ଏବଂ ଅଭିଯୁକ୍ତର ଚିହ୍ନଟ

| | |
|---|---|
| କାର୍ଯ୍ୟପ୍ରକ୍ରିୟାର ତାରିଖ ଗୁଡ଼ିକ ସମ୍ବନ୍ଧରେ ଆଗତୁରା ଜାଣିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିବା ତଥା ସମସ୍ତ କାର୍ଯ୍ୟପ୍ରକ୍ରିୟା ମଧ୍ୟରେ ନିଜ ପିଲା ସହିତ ଉପସ୍ଥିତ ରହିବା | ଘଟଣାସ୍ଥଳର ଚିହ୍ନଟ ବା ଅଭିଯୁକ୍ତର ଚିହ୍ନଟ କରିବା ପାଇଁ ଶିଶୁଟିକୁ ଏକୁଟିଆ ଯିବାକୁ ଦେବା |
| ଅଭିଯୁକ୍ତ ବା ତା'ର ସମ୍ପର୍କୀୟ ବା ଶୁଭେଚ୍ଛୁଙ୍କ ନିକଟରୁ ଧମକ ମିଳିଥିଲେ ନିକଟସ୍ଥ ଥାନାରେ ଏକ ଅଧର୍ତ୍ତବ୍ୟ ଅପରାଧ ଅଭିଯୋଗ ଦାଏର କରିବା ସହିତ ପୋଲିସ ନିକଟରୁ ଉକ୍ତ ଅଭିଯୋଗର ଏକ ନକଲ ମାଗଣାରେ ଆଣିବା | ଅଭିଯୁକ୍ତ ବା ତା'ର ପରିବାରର ସମସ୍ତ ଧମକ ଏବଂ ଚାପକୁ ହେୟଜ୍ଞାନ କରିବା |
| ଅଭିଯୋଗ ପଞ୍ଜୀକୃତ ହେବା ପରେ ଶିଶୁ ଏବଂ ଅଭିଯୁକ୍ତ ଯେପରି ପରସ୍ପର ସଂସ୍ପର୍ଶରେ ନ ଆସନ୍ତି, ତାହାକୁ ସୁନିଶ୍ଚିତ କରିବା | ପୋଲିସ ଆପଣଙ୍କୁ ଅଭିଯୁକ୍ତ ସହିତ ଏକାଠି ଗୋଟିଏ ଗାଡ଼ିରେ ଡ଼ାକ୍ତରଖାନା ବା ଅଦାଲତକୁ ନେଇଯିବାକୁ ଦେବା |

## ଅଦାଲତରେ ବୟାନ ଏବଂ ସାକ୍ଷ୍ୟ ପ୍ରଦାନ

| | |
|---|---|
| ପୋଲିସ ଅଦାଲତ ତାରିଖଗୁଡ଼ିକ ସମ୍ବନ୍ଧରେ ଆପଣଙ୍କୁ ଅଗ୍ରୀମ ସୂଚନା ପ୍ରଦାନ କରିବାକୁ ସୁନିଶ୍ଚିତ କରିବା ଏବଂ ଆପଣଙ୍କ ଅଭିଯୋଗ ପଞ୍ଜୀକୃତ ହେବାର ୯୦ ଦିନ ଭିତରେ ପୋଲିସ ଚାର୍ଜସିଟ୍ ଦାଖଲ କରିଛି କି ନାହିଁ, ତାହାକୁ ଯାଞ୍ଚ କରିବା | ପ୍ରମାଣ ସଂଗୃହିତ ହୋଇସାରିବା ତଥା ବୟାନ ପ୍ରଦାନ ସରିଯିବା ପରେ ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ ବନ୍ଦ କରିଦେବା |
| ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଆପଣଙ୍କ ପିଲାର ବୟାନ ରେକର୍ଡ଼ିଂ ହେଉଥିବା ସମୟରେ ଆପଣ ନିଜେ ଉପସ୍ଥିତ ରହିବା | କୋର୍ଟରୁମ୍ ଛାଡ଼ି ଯିବା ପାଇଁ କୌଣସି ନିର୍ଦ୍ଦେଶ ମିଳିବା ପୂର୍ବରୁ ଆପେ ଆପେ କୋର୍ଟରୁମ୍ ଛାଡ଼ି ଚାଲିଯିବା (ଯଦି ଆପଣଙ୍କୁ ଲାଗୁଛି କି ଆପଣଙ୍କ ପିଲା ପାଖରେ ଆପଣ ନିଜେ ଉପସ୍ଥିତ ରହିଲେ ପିଲାକୁ ଭଲ ଲାଗିବ, ତେବେ ଉପସ୍ଥିତ ରହିବା ପାଇଁ ନ୍ୟାୟାଧୀଶଙ୍କ ଠାରୁ ଅନୁମତି ମାଗିବା) |
| ପ୍ରତିପକ୍ଷ ଓକିଲଙ୍କ ଦ୍ୱାରା ଶିଶୁକୁ ଯେପରି ସିଧାସଳଖ ପ୍ରଶ୍ନ ପଚରା ନଯାଏ, ତାହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କ ଓକିଲ ଏବଂ/ଅଥବା ସତନ୍ତ୍ର ସରକାରୀ ଅଭିଯୋଜକଙ୍କ ସହ କଥା ହେବା - ପ୍ରଶ୍ନ ନ୍ୟାୟାଧୀଶଙ୍କୁ କୁହାଯିବ ଏବଂ ନ୍ୟାୟାଧୀଶ ଆପଣଙ୍କ ପିଲାକୁ ପ୍ରଶ୍ନ ପଚାରିବେ | ପ୍ରତିପକ୍ଷ ଓକିଲଙ୍କ ଦ୍ୱାରା ଶିଶୁଟିକୁ ସିଧାସଳଖ ପ୍ରଶ୍ନ ପଚାରିବାକୁ ଦେବା |

## ଆପଣଙ୍କ ପିଲାର କ୍ଷତିପୂରଣ ଏବଂ ଥଇଥାନ

| | |
|---|---|
| ଅନୁସନ୍ଧାନକାରୀ ଅଧିକାରୀ, କୌଣସି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ବା ଓକିଲଙ୍କୁ ଆପଣଙ୍କ ପିଲା ପାଇବା ପାଇଁ ପ୍ରଚଳିତ ଥିବା କୌଣସି କ୍ଷତିପୂରଣ ଯୋଜନା ସମ୍ବନ୍ଧରେ ପଚାରିବା | ଶିଶୁଟି କ୍ଷତିପୂରଣ ପାଇବ କିମ୍ବା ପାଇବ ନାହିଁ ବୋଲି ଏକ ପ୍ରକାର ଧାରଣା କରିବା |
| ମାନସିକ ଆଘାତରୁ ବାହାରିବା ପାଇଁ ପରାମର୍ଶ ନେବା ଜାରି ରଖିବା | ପରାମର୍ଶ ନେବାକୁ ଅଚାନକ ବନ୍ଦ କରିଦେବା |
| ଘଟଣା ଘଟିବା ପଶ୍ଚାତ୍ ଶିଶୁଟି ଯେପରି ତା'ର ସ୍ୱାଭାବିକ ଦିନଚର୍ଯ୍ୟାକୁ ଯଥାଶୀଘ୍ର ଫେରିଆସେ, ତାହାକୁ ସୁନିଶ୍ଚିତ କରିବା | ଘଟଣା ଘଟିବା ପରେ ଶିଶୁକୁ ବିଦ୍ୟାଳୟ ବା ସଂପ୍ରଦାୟଠାରୁ ଅନାବଶ୍ୟକ ଭାବେ ସ୍ଥାନାନ୍ତରିତ କରିଦେବା |
| ନିଜ ପିଲା ସହିତ ନିୟମିତଭାବେ କଥା ହେବା ସହ ତା'କୁ ଭଲ ପାଇବା ଏବଂ ସୁରକ୍ଷା ଯୋଗାଇଦେବା ପାଇଁ ଆପଣ ଅଛନ୍ତି ବୋଲି ସୁନିଶ୍ଚିତ କରାଇବା | ଶିଶୁଟି ତା'ର ସ୍ୱାଭାବିକ ଦିନଚର୍ଯ୍ୟାକୁ ଫେରିଆସିଲାଣି ବୋଲି ଆପଣଙ୍କୁ ଅନୁଭବ ହେବା ପରେ ଶିଶୁର ଆବଶ୍ୟକତାଗୁଡ଼ିକୁ ଅଣଦେଖା କରିବା |

# ଡ଼ାକ୍ତର

| କ'ଣ କରିବେ | କ'ଣ କରିବେ ନାହିଁ |
|---|---|
| ଧୈର୍ଯ୍ୟବାନ ହେବା ଏବଂ ଶାନ୍ତ ରହିବା | ଶିଶୁକୁ ଘଟଣା ସଂପର୍କରେ ବର୍ଣ୍ଣନା କରିବା ପାଇଁ ବାଧ କରିବା ଏବଂ ନିଜେ ଖୁବ ଶୀଘ୍ର ଶୀଘ୍ର କଥା କହିବା |
| ଆପଣ ପୀଡ଼ିତାର କଥା ଶୁଣୁଛନ୍ତି ବୋଲି ତା'କୁ ଜାଣିବାକୁ ଦେବା - ଯେମିତି କି ମୁଣ୍ଡ ହଲାଇବା | ନିଜ ଘଣ୍ଟା ବା ମୋବାଇଲ ଫୋନ୍‌କୁ ଦେଖିବା |

| | |
|---|---|
| ପୀଡ଼ିତାକୁ ଯାହା ଲାଗୁଛି, ତାହାକୁ ବୁଝିବା ଏବଂ ସ୍ୱୀକାର କରିବା | କୌଣସି ମତାମତ ବା ଉପସଂହାରରେ ଉପନୀତ ହେବା; ଶିଶୁକୁ 'ଏହି ଭଳି ଅନୁଭବ କରିବା ଉଚିତ ନୁହେଁ' ବୋଲି ତା'କୁ କହିବା |
| ପୀଡ଼ିତା କ'ଣ ଚାହୁଁଛି ବୋଲି ତାକୁ ପଚାରିବା ପାଇଁ ସୁଯୋଗ ଦେବା; 'ଆମେ କେମିତି ତମକୁ ସାହାଯ୍ୟ କରିପାରିବୁ' ବୋଲି ପଚାରିବା | ଆପଣ ଯାହା ଚିନ୍ତା କରୁଛନ୍ତି, ତାହା ହିଁ ଶିଶୁଟି ପାଇଁ ସର୍ବୋତ୍ତମ ବୋଲି ଧାରଣା କରିବା |
| ଶିଶୁକୁ ତା' କଥା କହିବା ପାଇଁ ଉତ୍ସାହିତ କରିବା; 'ସେ ଆଉ କିଛି କହିବାକୁ ଚାହୁଁଛି କି' ବୋଲି ପଚାରିବା | ପୀଡ଼ିତା ଶିଶୁକୁ ପ୍ରଶ୍ନ ପଚାରିବା ପୂର୍ବରୁ ସେ ତା'ର  ନିଜ କଥା କହି ସାରିବା ପର୍ଯ୍ୟନ୍ତ ଅପେକ୍ଷା ନକରିବା |
| ଶିଶୁଟିକୁ ମୌନ ରହିବା ପାଇଁ ଅନୁମତି ଦେବା | ପୀଡ଼ିତାର ଚିନ୍ତାଭାବନାକୁ ଆଗକୁ ବଢ଼ିବାକୁ ନଦେଇ ଶେଷ କରିଦେବା |
| ପୀଡ଼ିତାର ଅନୁଭୁତି ଏବଂ ତା'କୁ ସହାୟତା ଯୋଗାଇଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିବା | ଏହି ଘଟଣାକୁ କେଉଁ ଅନ୍ୟ ଏକ କାହାଣୀ ବା ନିଜର କୌଣସି ଅନୁଭୁତି ସହିତ ଯୋଡ଼ିବା |

# ଗଣମାଧ୍ୟମ

| କ'ଣ କରିବେ | କ'ଣ କରିବେ ନାହିଁ |
|---|---|
| ଅପରାଧର ପ୍ରକୃତିକୁ ସଠିକଭାବେ ବର୍ଣ୍ଣନା କରିବା ଏବଂ ଉଚିତ ଶବ୍ଦାବଳୀର ବ୍ୟବହାର କରିବା | ଅସ୍ପଷ୍ଟ ବା ଦୁର୍ବଳ ଭାଷାର ପ୍ରୟୋଗ କରିବା (ଉଦାହରଣ ସ୍ୱରୂପ 'ଏକ ଶିଶୁ ସହିତ ଯୌନ ସମ୍ବନ୍ଧ' ବା 'ଏକ ନାବାଳିକା ସହିତ ସମ୍ପର୍କ,' ଇତ୍ୟାଦି) |
| କୌଣସି ଶିଶୁ ସମ୍ମତି ଦେବା ନଦେବାର କିଛି ମାନେ ନାହିଁ ଏବଂ ଏହା ଯେ ଗୁରୁତ୍ୱହୀନ, ଏହି ପ୍ରସଙ୍ଗରେ ସ୍ପଷ୍ଟ ହେବା | ପୀଡ଼ିତା ଉପରେ ଦୋଷ ଲଦିଦେବା । ଏହା ତା'ର ଭୁଲ ନୁହେଁ ଏବଂ ଏହି ଅପରାଧ ପାଇଁ କେବଳ ନିର୍ଯ୍ୟାତନାକରୀ ହିଁ ଦାୟୀ |
| କ୍ଷମତାରେ ଥିବା ବ୍ୟକ୍ତିଗଣ ବା ସଂସ୍ଥାଗଣଙ୍କୁ ଉତ୍ତରଦାୟୀ କରିବା | ନିର୍ଯ୍ୟାତନାକରୀମାନଙ୍କୁ 'କଥିତ ଅଭିଯୁକ୍ତ' ବୋଲି ଉଲ୍ଲେଖ କରିବା । ସେମାନେ 'କଥିତ' ନୁହଁନ୍ତି । |
| ସମାଜରେ ହେଉଥିବା ଶିଶୁ ଯୌନ ନିର୍ଯ୍ୟାତନାର ପ୍ରାସଙ୍ଗିକତା ଉପରେ ରିପୋର୍ଟ କରିବା; ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଏହି ଭଳି ଘଟଣାର ଖୁଲାସା ହେବାକୁ ଏକ କାହାଣୀରେ ସୀମିତ ନକରି ତା'ଠାରୁ ଉର୍ଦ୍ଧ୍ୱରେ ଦେଖିବା | ପୀଡ଼ିତା ଏକାକୀ ବୋଲି ଧାରଣା କରିବା; ଅନେକ ସମୟରେ କେବଳ ଜଣେ ବ୍ୟକ୍ତି ଆଗେଇ ଆସିବା ଘଟଣା ମଧ୍ୟ ଅନ୍ୟମାନଙ୍କୁ ସେମାନଙ୍କର ସେହିଭଳି ଥିବା ଅନୁଭୂତିକୁ ବାଣ୍ଟିବା ପାଇଁ ପ୍ରେରଣା ଯୋଗାଇଥାଏ । |
| ଶିଶୁ ଯୌନ ନିର୍ଯ୍ୟାତନା ମାମଲାଗୁଡ଼ିକର ସାମାଜିକ ଏବଂ ସାଂସ୍କୃତିକ ପ୍ରଭାବ ସଂପର୍କିତ ତଥ୍ୟକୁ ଅନ୍ତର୍ଭୁକ୍ତ କରିବା | ଅପରାଧର ଗମ୍ଭୀରତାକୁ କମ୍ କରିଦେବା - ଯାହାର ଦୀର୍ଘ ମିଆଦି ପ୍ରଭାବ ବିଧ୍ୱଂସକାରୀ ହୋଇପାରେ |
| ଥଇଥାନ, ନିବାରଣ ସମେତ ମାମଲାର ଏକାଧିକ ଦିଗ ପ୍ରତି ଧ୍ୟାନ ଦେବା; ଶିଶୁମାନଙ୍କ ପାଇଁ କାମ କରୁଥିବା ଅଧିବକ୍ତା, ଓକିଲ, ମନସ୍ତତ୍ତ୍ୱବିତ୍, ଇତ୍ୟାଦିଙ୍କ ସାହାଯ୍ୟ ନେବା; ସର୍ବଦା ବିଶ୍ୱାସଯୋଗ୍ୟ ସଂଗଠନଗୁଡ଼ିକ ସହିତ ନିଜ ତଥ୍ୟାବଳୀର ସତ୍ୟାସତ୍ୟକୁ ଯାଞ୍ଚ କରିନେବା | କେବଳ ପୋଲିସ୍ ଏବଂ ନ୍ୟାୟପାଳିକାଙ୍କର ଭୂମିକା ଉପରେ ଧ୍ୟାନ କେନ୍ଦ୍ରିତ କରିବା |
| ସାକ୍ଷାତକାର ନେବା ପୂର୍ବରୁ କୌଣସି ସହାୟକ ବ୍ୟକ୍ତି/ବେସରକାରୀ ସଂଗଠନ ବା ଏପରି କୌଣସି ବ୍ୟକ୍ତି ଯାହାଙ୍କୁ ପୀଡ଼ିତା ବା ତା'ର ପରିବାର ଜାଣିଥିବେ, ସେମାନଙ୍କର ସହାୟତା ନେବା | ନିଜର ପ୍ରଶ୍ନଗୁଚ୍ଛ ସହ ପୀଡ଼ିତା ଓ ତା'ର ପରିବାର ସହିତ ନିଜେ ନିଜେ ଯୋଗାଯୋଗ କରିବା |
| ପୀଡ଼ିତା ଓ ତା'ର ପରିବାରକୁ ନିର୍ଦ୍ଦିଷ୍ଟ ପ୍ରଶ୍ନ ସହ ଯୋଗାଯୋଗ କରିବା ପୂର୍ବରୁ ମାମଲା ଫାଇଲ୍ (ଯଦି ଉପଲବ୍ଧ ଥାଏ) ବା ଏତଲାର ନକଲକୁ ପଢ଼ିବା | ସେମାନଙ୍କୁ ଘଟିଥିବା ଅପରାଧ ଏବଂ ତାହା କେଉଁ ପ୍ରକାରର, ତା' ଉପରେ ସିଧାସଳଖ ପ୍ରଶ୍ନ ପଚାରିବା ଅଥବା ଏତଲାଟିକୁ ନିଜର ଲେଖାରେ ପ୍ରକାଶ କରିଦେବା |
| ପୀଡ଼ିତା ସହିତ କଥାବାର୍ତ୍ତା କରିବା ପୂର୍ବରୁ ତା'ର ମାତାପିତା, ବିଶ୍ୱାସଯୋଗ୍ୟ ବୟସ୍କ ବ୍ୟକ୍ତି/ସଂଗଠନର ସହମତି ନେବା | ମାତାପିତାଙ୍କ ବିନା ସହମତିରେ ଶିଶୁଟି ସହିତ ସିଧାସଳଖ ଯୋଗାଯୋଗ କରିବା |
| ଅଧିକରୁ ଅଧିକତର ସଚେତନତା ସୃଷ୍ଟି କରିବା ନିମନ୍ତେ ଅପରାଧୀର କାର୍ଯ୍ୟ ସାଧନ ପ୍ରଣାଳୀ ତଥା ଯେଉଁ ଶୈଳୀରେ ଅପରାଧୀ ଶିଶୁକୁ ଧୀରେଧୀରେ ଯୌନ ଶୋଷଣ ପାଇଁ ଫସାଇଥାଏ, ତାହା ଉପରେ ଧ୍ୟାନ କେନ୍ଦ୍ରିତ କରିବା | ଧର୍ଷଣ ଭଳି କେବଳ ଯୌନ ଅପରାଧର ପ୍ରକାର ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରିବା |
| ଶିଶୁ ଯୌନ ନିର୍ଯ୍ୟାତନା ସଂପର୍କିତ ଭିନ୍ନ ଭିନ୍ନ ପ୍ରକାରର ସାମାଜିକ ଏବଂ ଆର୍ଥିକ ସ୍ତରର ମାମଲାଗୁଡ଼ିକ ତଥା ଶିଶୁମାନଙ୍କ ପ୍ରତି ଯୌନ ଆକର୍ଷଣ ରଖିଥିବା ବହୁ ଚର୍ଚ୍ଚିତ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଆଲୋକପାତ କରିବା | ଏହାକୁ କେବଳ ଗରିବ ଏବଂ ଅଶିକ୍ଷିତ ସଂପ୍ରଦାୟ ବ୍ୟକ୍ତିମାନଙ୍କର ହିଁ ସମସ୍ୟା ଭାବେ ନାମିତ କରିବା |

# ପୋକ୍ସୋ ଅଧୀନରେ କାର୍ଯ୍ୟ ପ୍ରକ୍ରିୟାବଳୀ

## ଶିଶୁ ଯୌନ ନିର୍ଯ୍ୟାତନା

ସ୍ଥାନୀୟ ପୋଲିସ ବା ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌କୁ ରିପୋର୍ଟ (ଧାରା ୧୯)

ସ୍ଥାନୀୟ ପୋଲିସ ବା ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ବୟାନ ରେକର୍ଡ଼ିଂ

- ଶିଶୁକୁ କୌଣସି ଆଶ୍ରୟ ଗୃହ ବା ଡ଼ାକ୍ତରଖାନାକୁ ନେବା [ଧାରା ୧୯(୫)]
- ଶିଶୁକୁ ଡ଼ାକ୍ତରୀ ପରୀକ୍ଷା ପାଇଁ ନେବା ଏବଂ କନ୍ୟା ଶିଶୁଙ୍କୁ ମହିଳା ଡ଼ାକ୍ତର ପରୀକ୍ଷା କରିବେ [ଧାରା ୨୭ (୨), ନିୟମାବଳୀ ଧାରା ୫]
- ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବୟାନ ରେକର୍ଡ଼ିଂ (ଧାରା ୨୫)
- ଶିଶୁକୁ କୌଣସି ଶିଶୁ ଗୃହ ବା ଆଶ୍ରୟ ଗୃହରେ ରଖାଯିବାର ଆବଶ୍ୟକତାକୁ ୩ ଦିନ ମଧ୍ୟରେ ନିର୍ଦ୍ଧାରଣ କରିବା, ଯଦି ଶିଶୁଟି ଯତ୍ନ ଓ ସୁରକ୍ଷାର ଆବଶ୍ୟକତାରେ ଥାଏ [ନିୟମାବଳୀ ଧାରା ୪(୪)]
- ସ୍ୱତନ୍ତ୍ର ଅଦାଲତ (ଶିଶୁ ମିତ୍ର)ଙ୍କ ଦ୍ୱାରା ସଂଜ୍ଞାନ ଗ୍ରହଣ କରିବାର ଏକ ବର୍ଷ ମଧ୍ୟରେ ବିଚାରଣକୁ ସାରିବା (ଧାରା ୨୮ ଏବଂ ୩୩)

*ଟିପ୍ପଣୀ: ମାମଲାର ପରିସ୍ଥିତି ଅନୁଯାୟୀ*

- ପରିବାର/ଅଭିଭାବକ ବା ଉପଯୁକ୍ତ ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ (ନିୟମାବଳୀ ଧାରା ୪)
- ଶିଶୁ ଗୃହ [ନିୟମାବଳୀ ଧାରା ୪(୪)] ଅଥବା ଆଶ୍ରୟ ଗୃହ [ଧାରା ୧୯(୫) ଓ ନିୟମାବଳୀ ଧାରା ୪(୪)]
- ପରାମର୍ଶ (ଧାରା ୪୦)
- ସହାୟକ ବ୍ୟକ୍ତି [ନିୟମାବଳୀ ଧାରା ୪(୭)]

- ଶିଶୁକୁ ବ୍ୟାଖ୍ୟାକାରୀ, ଅନୁବାଦକ/ସ୍ୱତନ୍ତ୍ର ଶିକ୍ଷକ ଯୋଗାଇବା [ଧାରା ୧୯(୪) ଏବଂ ନିୟମାବଳୀ ଧାରା ୩(୬୭)]
- ଶିଶୁ ଏବଂ ଅଭିଯୁକ୍ତ ସାମନାସାମନି ହେବାକୁ ନଦେବା ପାଇଁ ପଦକ୍ଷେପ ଗ୍ରହଣ [ଧାରା ୩୩(୭) ଏବଂ ଧାରା ୩୬]
- ପୀଡ଼ିତା କ୍ଷତିପୂରଣ (ନିୟମାବଳୀ ଧାରା ୭)
- ସ୍ୱତନ୍ତ୍ର ସରକାରୀ ଅଭିଯୋଜକଙ୍କ ଦ୍ୱାରା ମୋକଦ୍ଦମା ଚାଳନ (ଧାରା ୩୨)

NCPCR

ସୌଜନ୍ୟ: ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ – ୨୦୧୨ ଉପରେ ଜାତୀୟ ଶିଶୁ ଅଧିକାର ଆୟୋଗ ଦ୍ୱାରା ପ୍ରକାଶିତ ହସ୍ତପୁସ୍ତିକା

ପ୍ରକାଶକ:
ସଂଯୋଗ
SANYOG
ମହତାବ ନଗର, ତୁଳସୀପୁର, କଟକ – ୭୫୩ ୦୦୮
ଫୋନ୍ : ୦୬୭୧-୨୩୬୨୭୭୦, ୨୯୫୪୦୪୨
E-mail : sanyogaca@gmail.com

ସହାୟତା:
ଆଡ଼ପ୍‌ସନ୍ସ ସେଣ୍ଟ୍ରମ୍
Adoptions centrum
ସ୍ୱିଡ଼େନ